The Telegraph

The Central University of Odisha, Koraput, and Hindustan Aeronautics Limited, Sunabeda, recently signed an MoU to enhance co-operation for regional development. Vice-chancellor of the varsity Sachidananda Mohanty and executive director of Hindustan Aeronautics Limited signed the agreement to provide exposure to engineers and technocrats of the company and opportunities to their spouses. The students of the varsity can also get access to the facilities at the company and do internship there. The deal also aims to promote academic interaction through special lectures and personality development programmes.



Vice-chancellor of the Central University of Odisha Sachidananda Mohanty (left) and executive director of Hindustan Aeronautics Limited sign an agreement to generate opportunities for engineers. Telegraph picture

# Institutes

Volume XXXII No 232
Bhubaneswar
Tuesday 30 May 2017
Page 18 ₹ 5.00
ଭୁବନେଶ୍ୱର
ମଙ୍ଗଳବାର, ୩୦ ମେ ୨୦୧୭
୧୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା
www.sambadepaper.com

SAMBAD

ସମ୍ବାଦ

RNI Regd. No. 42132/84
PRINTED AT BHUBANESWAR BALASORE JEYPORE BARGARH

PAGE-10/30.05.2017

# ଆଂଚଳିକ ଉନ୍ନତି ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ହାଲ ମଧ୍ୟରେ ଏମଓୟୁ

କୋରାପୁଟ,୨୯/୫(ଇମିସ): ଆଂଚଳିକ ସମୃଦ୍ଧି ଓ ସଂଗଠନର ଉନ୍ନତି ନିମନ୍ତେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ହାଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଓ ହାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବାଶିଷ ଦେବ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ପରେ କୁଳପତି ପ୍ରଫେସର ମହାନ୍ତି କହିଛନ୍ତି ଯେ, ଏହି ଅଂଚଳର ଦୁଇ ପ୍ରମୁଖ ଅନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବା ପରେ ଏହା ସଂପର୍କକୁ ଅଧିକ ମଜଭୁତ କରିବ। ହାଲର ଯୁବ ଯନ୍ତ୍ରୀ ଓ ସେମାନଙ୍କ ପତି/ପତ୍ନୀଙ୍କୁ ସନ୍ଧ୍ୟାକାଳୀନ ଏମବିଏ ପାଠ୍ୟକ୍ରମ ଆରମ୍ଭ କରାଯିବାର ବ୍ୟବସ୍ଥା କରାଯିବ। ବିଶ୍ୱବିଦ୍ୟାଳୟର ପାଠାଗାର ହାଲ କର୍ମଚାରୀଙ୍କ ପାଇଁ ଖୋଲା ରହିବ। ସେହିପରି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ହାଲରେ ଇଣ୍ଟର୍ନସିପ କରିପାରିବେ। ଏହି ଅଂଚଳର ଆର୍ଥିକ, ସାମାଜିକ ଓ ଶିକ୍ଷାର ଉନ୍ନତି କରିବାରେ ଦୁଇ ଅନୁଷ୍ଠାନ ମିଳିତ




ଭାବେ କାମ କରିବେ ବୋଲି କୁଳପତି କହିଥିଲେ। ହାଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦେବାଶିଷ ଦେବ କହିଲେ ଯେ, ହାଲର ଯୁବ ଯନ୍ତ୍ରୀ ଓ ସେମାନଙ୍କ ପତ୍ନୀଙ୍କ ଯୋଗ୍ୟତାକୁ ଆଗେଇ ନେବା କ୍ଷେତ୍ରରେ ଏହି ଏମଓୟୁ ସହାୟକ ହେବ। ବିଶ୍ୱବିଦ୍ୟାଳୟର ଗବେଷକମାନେ ହାଲରେ ଗବେଷଣା କରିପାରିବେ ବୋଲି ସେ କହିଥିଲେ। ଏହି ଏମଓୟୁ ଉଭୟ ଅନୁଷ୍ଠାନ ମଧ୍ୟରେ ଶିକ୍ଷା ଓ ସହଭାଗିତାକୁ ନେଇ ସଂପର୍କ ଦୃଢ଼ କରିବ। ବିଭିନ୍ନ ସମୟରେ ବକ୍ତୃତାମାଳା ଓ କର୍ମଚାରୀଙ୍କ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ କରାଯିବ ବୋଲି ବୁଝାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଏକାଡେମିକ ଡିନ ପ୍ରଫେସର କିଶୋର ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଏସଡି ପ୍ରଫେସର ଭବାନୀ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏମଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମକୁ ହାଲର ଡିଜିଏମ ତୁଷାର କାନ୍ତ ବେହେରା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜନ ସଂପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ପରିଚାଳନା କରିଥିଲା ବେଳେ ଉଭୟ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।